## ସଂକ୍ଷେପରେ

### ୩ ବଖରା ଜଳିଗଲା

ପାପଡାହାଣ୍ଡି/ମଇଦଲପୁର,୨୩।୧୨ (ଡି.ଏନ.ଏ) ପାପଡାହାଣ୍ଡି ବ୍ଲକ ଗୋପିଗୁଡାରେ ବିଳମ୍ବିତ ରାତିରେ ନିଆଁ ଲାଗି ପୁରନ୍ଦର ମାଝିଙ୍କ ଦୋକାନ ଘର ସହ ୩ ବଖରା ପୋଡି ଯାଇଛି। ଏଥିରେ ପୁରନ୍ଦରଙ୍କ ୧୦ ପ୍ୟାକେଟ ଧାନ, ନଗଦ ୫ହଜାର ଟଙ୍କା, ଦୋକାନ ସାମଗ୍ରୀ , ୧୦ଟି କୁକୁଡା ଓ ୨ଟି ବଳଦ ପୋଡି ଯାଇଛି। ମଇଦଲପୁର ଫାଣ୍ଡି ଅଧିକାରୀ ରେଣୁ ପ୍ରଧାନ ପହଞ୍ଚି ତଦନ୍ତ କରିବା ସହ ସର୍ଟସର୍କିଟ ଯୋଗୁ ନିଆଁ ଲାଗିଥିବା କହିଛନ୍ତି।

### ଅସୁସ୍ଥ ଶିଶୁକୁ ରକ୍ତ ଦେଇ ବଞ୍ଚାଇଲେ ଶିକ୍ଷକ

ଚନ୍ଦାହାଣ୍ଡି,୨୩।୧୨(ଡି.ଏନ.ଏ): ଚନ୍ଦାହାଣ୍ଡି ବ୍ଲକ ମୋହରା ପଞ୍ଚାୟତ ଅନ୍ତର୍ଗତ ନାହାଲମୁଣ୍ଡା ଗ୍ରାମର ନକୁଳ ନାୟକଙ୍କ ପୁଅରୁପେନ୍ଦ୍ର ନାୟକ (୪) ଦୀର୍ଘ ଦିନ ଧରି ଜ୍ୱରରେ ପୀଡିତ ଥିଲେ । ତାଙ୍କୁ ପରିବାର ଲୋକ ନବରଙ୍ଗପୁରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ହିମୋଗ୍ଲୋବିନ କମ ଥିବାରୁ ସେ ଗୁରୁତର ହୋଇ ପଡିଥିଲେ। ଏ ସମ୍ପର୍କରେ ଜାଣିବା ପରେ ପୁଜାରୀଗୁଡାର ଶିକ୍ଷକ ଯୋଗେନ୍ଦ୍ର ବିଶୋଇ ତାଙ୍କୁ ରକ୍ତ ଦେବାରୁ ଶିଶୁର ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ଘଟିଥିଲା।

### ଯିଶୁଙ୍କ ଜୟନ୍ତୀ ପାଳନ ପାଇଁ ବୈଠକ

ତେନ୍ତୁଳିଖୁଣ୍ଟି,୨୩।୧୨(ଡି.ଏନ.ଏ): ତେନ୍ତୁଳିଖୁଣ୍ଟି ବ୍ଲକ କାମତା ଲୁଥିରାନ ଚର୍ଚ୍ଚରେ ଯୀଶୁଙ୍କ ଜନ୍ମଦିନ ଓ ନୂତନ ବର୍ଷ ପାଳନ ନିମନ୍ତେ ପ୍ୟାରିସ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ରେଭ ପ୍ରତ୍ୟୁଷ କୁମାର ବେଣୁ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ବାଇବେଲର ବାଖ୍ୟା, ସାଂସ୍କୃତିକ କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଜାମ୍ବୁଗୁଡା ପ୍ରଧାନମଣ୍ଡଳୀର ଅନନ୍ତ ନାଗ , ଲୁଥିରାନ ମଣ୍ଡଳୀର ସଭାପତି ସଦା ହିଆଲ, ଯୋଶେଫ ନାୟକ, ପ୍ରଦୀପ କୁମାର ବେକାରୀ, ବ୍ଲକ ଉପାଧ୍ୟକ୍ଷ ତନୟ ସାଗର ନାୟକ, ତୀର୍ଥ ଚରଣ ନାୟକ, ସିମିୟନ ବେପାରୀ ପ୍ରମୁଖ ଯୋଗ ଦେଇଥିଲେ।

■ ପାନାବେଡ଼ା ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ

# ପ୍ରାକ୍ତନ, ବର୍ତ୍ତମାନ ବିଦ୍ୟାର୍ଥୀଙ୍କ ମହାମିଳନ



ଅତିଥିମାନେ ବିଦ୍ୟାଳୟର ସ୍ମରଣିକା ଉନ୍ମୋଚନ କରୁଛନ୍ତି।



ଉପସ୍ଥିତ ପ୍ରାକ୍ତନ ଛାତ୍ରୀଛାତ୍ର ଓ ଜନସାଧାରଣ।

ଚନ୍ଦାହାଣ୍ଡି,୨୩।୧୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ପାନାବେଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ରବିବାର ପାଳନ କରାଯାଇଛି । ପ୍ରଥମେ ନୂତନ ଓ ପ୍ରାକ୍ତନ ଛାତ୍ରୀଛାତ୍ରମାନେ ପେଣ୍ଡ୍ରାଣୀ ମନ୍ଦିରଠାରୁ ଏକ ବିରାଟ ଶୋଭାଯାତ୍ରାରେ ମଶାଲ ଆଣିଥିଲେ । ସୁବର୍ଣ୍ଣ ଜୟନ୍ତୀ ପାଳନ କମିଟି ସଭାପତି ତଥା ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝିଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଗଣ ଶିକ୍ଷାମନ୍ତ୍ରୀ ବଦ୍ରୀନାରାୟଣ ପାତ୍ର, ବିଶିଷ୍ଟ ଅତିଥି ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ, ପଛୁଆବର୍ଗ ବିକାଶ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି, ସମ୍ମାନିତ ଅତିଥି ନବରଙ୍ଗପୁର ଜିଲାପାଳ ଅଜିତ କୁମାର ମିଶ୍ର, ଜିଲାଶିକ୍ଷା ଅଧିକାରୀ ଚନ୍ଦ୍ରଶେଖର ପାଣିଗ୍ରାହୀ, ରାଷ୍ଟ୍ରପତି ଏବଂ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପୂର୍ବତନ ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ସୁମନ୍ତ କୁମାର କୁଣ୍ଡୁ, ପଞ୍ଚାନନ ସାହୁ, ଦାଶରଥି ମହାରଣା, ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ବିଦ୍ୟାଳୟର ପ୍ରଥମ ଶିକ୍ଷକ ସନ୍ତୋଷ କୁମାର ଜଗତ, ଗୋପିଚାନ୍ଦ ବାଘ,ପୂର୍ବତନ ଶିକ୍ଷକ କିଶୋର କୁମାର ଖମାରୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଶରତ ମାଝି ପ୍ରମୁଖ ମଞ୍ଚାସିନ ଥିଲେ। ମୁଖ୍ୟ ଅତିଥି ସ୍ମୃତି ଫଳକ ଉନ୍ମୋଚନ ସହ ସମସ୍ତ ସମ୍ମାନିତ ଅତିଥିମାନେ ବିଦ୍ୟାଳୟର ସ୍ମରଣିକା ଉନ୍ମୋଚନ କରିଥିଲେ । ବିଦ୍ୟାଳୟର ପୁରାତନ ଛାତ୍ର ତଥା ଆବାହକ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପୁରୁଷୋତ୍ତମ ପାରୀ ଏବଂ ପ୍ରାକ୍ତନ ଛାତ୍ର ତଥା ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଡ. ପ୍ରଦୀପ କୁମାର ମିଶ୍ର ସଭା ପରିଚାଳନା କରିଥିଲେ । ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ଏବଂ ତାଙ୍କର ଉତ୍ତରାଧିକାରୀଙ୍କୁ ସ୍ୱର୍ଣ୍ଣଜୟନ୍ତୀ କମିଟି ପକ୍ଷରୁ ସମ୍ମାନିତ କରାଯାଇଥିଲା । ଦେଶ ବିଦେଶରେ ରହି ସୁନାମ ଅର୍ଜନ କରିଥିବା ପୁରାତନ ଛାତ୍ର, ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଏବଂ ତାଙ୍କର ଉତ୍ତରାଧିକାରୀମାନଙ୍କୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ସଚିବ ଅଜିତ କୁମାର ସାହୁ, ପ୍ରଦିପ୍ତ କୁମାର ପାଢ଼ୀ, ବିଡିଓ ଦେବେନ୍ଦ୍ରେ, ପ୍ରସାଦ ବଳ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଭଜନ ଲାଲ ମାଝି, ଡ. ବସନ୍ତ କୁମାର ଷଡଙ୍ଗି, କ୍ଷେମରାଜ ବାଘ, ମହମ୍ମଦ ଇନୁସ, ଦ୍ୟୁତିବାହନ ଖମାରୀ , ପ୍ରକାଶ ମାଝି ପ୍ରମୁଖ ଯୋଗ ଦେଇଥିଲେ । ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ୧୯।୯।୧୯୬୮ ମସିହାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଉପସ୍ଥିତ ଥିବା ସମସ୍ତ ଛାତ୍ରୀଛାତ୍ରମାନେ ଏକ ବନ୍ଧୁ ମିଳନର କାର୍ଯ୍ୟକ୍ରମ କରି ନିଜ ନିଜ ଭିତରେ ଭାବର ଆଦାନ ପ୍ରଦାନ କରିଥିଲେ।

# ଅତିରିକ୍ତ କମ୍ପ୍ୟୁଟର ପ୍ରୋଗ୍ରାମର ଓ ସହାୟକ କର୍ମଚାରୀଙ୍କ ଦାବିପତ୍ର

ନବରଙ୍ଗପୁର,୨୩।୧୨( ବି.ପ୍ର.)

ଏମଜିଏନଆରଇଜିଏସ ଯୋଜନାରେ କାର୍ଯ୍ୟରତ ସମସ୍ତ ଅତିରିକ୍ତ କମ୍ପ୍ୟୁଟର ପ୍ରୋଗ୍ରାମର ଓ ସହାୟକ କର୍ମଚାରୀମାନେ ୨ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପ୍ରମୁଖ ସଚିବ ପଞ୍ଚାୟତିରାଜଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଅଜିତ କୁମାର ମିଶ୍ରଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରିଛନ୍ତି । ଦୀର୍ଘ ୧୨ ବର୍ଷ ହେବ ପଞ୍ଚାୟତିରାଜ ବିଭାଗରେ ଆଉଟସୋର୍ସିଂ ମାଧ୍ୟମରେ ନିଯୁକ୍ତି ପାଇଁ ଜିଲାର ସମସ୍ତ ବ୍ଲକ ଓ ଗ୍ରାମ୍ୟ ଉନ୍ନୟନ ସଂସ୍ଥାରେ କାର୍ଯ୍ୟ କରି ଆସୁଛନ୍ତି । ସ୍ଥାୟୀ ନିଯୁକ୍ତି ଓ ସମାନ କାମକୁ ସମାନ ଦରମା ପାଇଁ ଅନେକ ଥର ସରକାରଙ୍କୁ ଲିଖିତ ଜଣାଇବା ପରେ ଦୃଷ୍ଟି ଦିଆଯାଉ ନାହିଁ । ସରକାରୀ ବେତନ ଆକାରରେ ସମସ୍ତଙ୍କ ଦରମା ବୃଦ୍ଧି ହୋଇଛି । ତେବେ ଆଉଟ ସୋର୍ସିଂ କର୍ମଚାରୀ ସରକାରୀଙ୍କ ଠାରୁ ଅଧିକ କାର୍ଯ୍ୟ କରି ମଧ୍ୟ କମ ଦରମା ପାଉଛୁ । ବର୍ଦ୍ଧିତ ଦରମା ଲାଗୁ କରାଗଲା ନାହିଁ । ଏନେଇ କମ ଦରମାରେ ପରିବାର ପ୍ରତିପୋଷଣରେ ବହୁ ସମସ୍ୟା ଦେଖା ଦେଉଛି । ଏମଜିଏନଆରଇଜିଏସ ଅତିରିକ୍ତ କମ୍ପ୍ୟୁଟର ପ୍ରୋଗ୍ରାମର ଆଉଟସୋର୍ସିଙ୍ଗ ନିଯୁକ୍ତିକୁ ବନ୍ଦ କରି କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କ ସିଧା ସଳଖ ସରକାରଙ୍କ ମଧ୍ୟରେ ନିଯୁକ୍ତି କରାଯାଇ ଆଗାମି ଦିନରେ ପଦବିକୁ ନିୟମିତ କରିବା ପାଇଁ ପଦକ୍ଷେପ ନିଆ ଯାଉ । ଯୋଗ୍ୟତା ଓ ଦରମାକୁ ଭିତ୍ତିକରି ୧୬ହଜାର ୮ଶହ ୮୦ଟଙ୍କାକୁ ବୃଦ୍ଧି କରାଯାଉ ବୋଲି ଦାବୀରେ ଉଲ୍ଲେଖ କରିଛନ୍ତି।



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା କମ୍ପ୍ୟୁଟର ପ୍ରୋଗ୍ରାମର ଓ ସହାୟକ କର୍ମଚାରୀ।

# ଦାବି ପୂରଣ ନହେଲେ ଅଙ୍ଗନୱାଡି କର୍ମୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ନବରଙ୍ଗପୁର,୨୩।୧୨(ବି.ପ୍ର.)

ଭାରତୀୟ ମଜଦୂର ସଂଘ ଦ୍ୱାରା ସହବନ୍ଧିତ ଅଲଓଡିଶା ଅଙ୍ଗନୱାଡି ଲେଡିଜ ୱାର୍କସ ଆସୋସିଏଶନ ପକ୍ଷରୁ ରାଜ୍ୟସ୍ତରରେ ଆନ୍ଦୋଳନ ଚାଲିଛି । ୨୭ଦିନ ଧରି ଭୁବନେଶ୍ୱରରେ ଧାରଣା ଦିଆଯାଇଥିଲେ ସୁଦ୍ଧା ସରକାର କୌଣସି ଦାବି ପୂରଣ କରି ନାହାନ୍ତି। ଆସନ୍ତା ୫ତାରିଖରେ ନବରଙ୍ଗପୁର ଜିଲାର ସମସ୍ତ ଅଙ୍ଗନୱାଡି କର୍ମୀ ଭୁବନେଶ୍ୱର ଯାଇ ଧାରଣାରେ ବସିବାକୁ ନିଷ୍ପତ୍ତି ନିଆଯାଇଛି। ଏନେଇ ସଂଘ ପକ୍ଷରୁ ଏକ ବୈଠକ ନବରଙ୍ଗପୁର ମାଉସୀମା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି । ଏଥିରେ ରାଜ୍ୟ ଉପ ସଭାନେତ୍ରୀ ସବିତା ନାୟକ, ଜିଲା ଉପସଭାନେତ୍ରୀ ସୁଭାସ୍ମିତା ପାତ୍ର, ଜିଲା ସମ୍ପାଦିକା ସନ୍ଧ୍ୟାରାଣୀ ବିଶ୍ୱାଳ, କୋଷାଧ୍ୟକ୍ଷା ମମତା ବ୍ରହ୍ମା, ଗୌରୀ ହରିଜନ, ଉମା ନାୟକ ପ୍ରମୁଖ ଯୋଗଦେଇଥିଲେ । ରାଜ୍ୟ ସରକାର ଦାବି ପୂରଣ ନକଲେ ପିଠା କାର୍ଯ୍ୟକ୍ରମ, ଗାଁକଲ୍ୟାଣ ସମିତି ଓ ସ୍ୱୟଂସହାୟିକା ଗୋଷ୍ଠିର କାର୍ଯ୍ୟ ଅଙ୍ଗନୱାଡି କର୍ମୀମାନେ କରିବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। ଆଗାମୀ ଦିନରେ ଜିଲାରେ ଜେଲ ଭୋର ଆନ୍ଦୋଳନ କରାଯିବା ସହ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ସଂଘ ଚେତାବନୀ ଦେଇଛି ।

# ବିଜେଡି ଜୋନସ୍ତରୀୟ କର୍ମୀ ସମ୍ମିଳନୀ

ରାଇଘର,୨୩।୧୨(ଡି.ଏନ.ଏ):

ନବରଙ୍ଗପୁର ଜିଲା ରାଇଘର ବ୍ଲକ ଯୋଡିଙ୍ଗାଠାରେ ବିଜେଡି ଜୋନସ୍ତରୀୟ କର୍ମୀ ସମ୍ମିଳିନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ସୁବାଷ ଗଣ୍ଡ ଯୋଗ ଦେଇ ଦଳର ସାଙ୍ଗଠନିକ ଉପରେ ଗୁରୁତ୍ୱ ଦେଇଥିଲେ। ୨୬ରେ ଉମରକୋଟ ନିର୍ବାଚନୀ ମଣ୍ଡଳୀସ୍ତରୀୟ କାର୍ଯ୍ୟକ୍ରମ ରାଇଘର ବ୍ଲକ କଳସୀ ପଡିଆରେ ଏକ ବିରାଟ ସମାବେଶ ଆୟୋଜନ କରାଯିବ ବୋଲି ବ୍ଲକ ସଭାପତି ରାଇସିଂ ଗଣ୍ଡ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଚିତ୍ତରଞ୍ଜନ ଗଣ୍ଡ, ଶୁକଦେବ ଗଣ୍ଡ, ଜିଲା ସଭାନେତ୍ରୀ ନବିନା ନାୟକ, ସତନ ସାନା, ନନି ଗୋପାଳ ବିଶ୍ୱାସ, ଜୟଦେବ ପୂଜାରୀ ଯୋଗ ଦେଇଥିଲେ।

# ବିଦାୟକାଳୀନ ସମ୍ବର୍ଦ୍ଧନା

ନବରଙ୍ଗପୁର, ୨୩।୧୨(ଡି.ଏନ.ଏ.)

ନବରଙ୍ଗପୁର ରାସ୍ତା ଓ ଗୃହ ନିର୍ମାଣ ବିଭାଜନ ନିର୍ବାହୀ ଯନ୍ତ୍ରୀ ଇଂ. ପ୍ରଦୀପ କୁମାର ସାମଲ ସୁପରିଣ୍ଟେଣ୍ଡେଣ୍ଟ ଇଂଜିନିୟର ପଦନ୍ନୋତି ପରେ ଢେଙ୍କାନାଳ ଜିଲାକୁ ବଦଳି ହୋଇଛି। ଏନେଇ କାର୍ଯ୍ୟାଳୟ ପରିସରରେ ବିଭାଗୀୟ କର୍ମଚାରୀ ଓ ଠିକାଦାର ମାନେ ଏକ ବିଦାୟକାଳିନ ସମ୍ବର୍ଦ୍ଧନା ଜଣାଇଥିଲେ । ଏଥିରେ ନବରଙ୍ଗପୁର ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ମନୋହର ରନ୍ଧାରୀ, ସମ୍ମାନିତ ଅତିଥି ଭାବେ ଅତିରିକ୍ତି ଜିଲାପାଳ ପରିକ୍ଷିତ ସେଠୀ, ସ୍ୱେଚ୍ଛାସେବୀ ଜଗନ୍ନାଥ ମହାପାତ୍ର ଯୋଗ ଦେଇଥିଲେ। ନୂତନ ଭାବେ ଯୋଗ ଦେଇଥିବା ଭାର ପ୍ରାପ୍ତ ନିର୍ବାହୀ ଯନ୍ତ୍ରୀ ତପନ କୁମାର ପାଣିଗ୍ରାହୀଙ୍କୁ ଏହି ଅବସରରେ ସ୍ୱାଗତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଭାରପ୍ରାପ୍ତ ନିର୍ବାହୀ ଯନ୍ତ୍ରୀ ତପନ କୁମାର ପାଣିଗ୍ରାହୀ, ଗ୍ରାମ୍ୟ ଉନ୍ନୟନ ବିଭାଜନର ନିର୍ବାହୀଯନ୍ତ୍ରୀ ମଞ୍ଚାସୀନ ଥିଲେ। ସହକାରୀ ଯନ୍ତ୍ରୀ ବିଶ୍ୱନାଥ ମାରାଣ୍ଡି ଅଧ୍ୟକ୍ଷତା କରିଥିଲେ। ସରୋଜ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।






ଜୀବନଟା ଖଣ୍ଡେ ପଥର ଭଳି। ତାକୁ କାଟି ଆମକୁ ସୁନ୍ଦର ମୂର୍ତ୍ତି ଗଢ଼ିବାକୁ ହେବ।
- ଭଲ୍‌ଟାୟାର

## ସଂକ୍ଷେପରେ

### ଗ୍ରାମରକ୍ଷୀଙ୍କୁ ତାଲିମ

କୋରାପୁଟ,୨୩।୧୨(ସ୍ୱ.ପ୍ର.): କୋରାପୁଟ ସଦର ଥାନା ପକ୍ଷରୁ ରବିବାର ଗ୍ରାମରକ୍ଷୀମାନଙ୍କ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ସଦର ଥାନା ଅଧୀନ ୨୪୦ଟି ଗ୍ରାମର ଗ୍ରାମରକ୍ଷୀଙ୍କୁ ନେଇ ଶିବିର ହୋଇଥିଲା। ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଗ୍ରାମଗୁଡ଼ିକରେ ଆଇନ ଶୃଙ୍ଖଳା ରକ୍ଷା ସହ ସେଠିକାର ଟିକିନିଖି ଖବର ଥାନାରେ ତୁରନ୍ତ ପହଞ୍ଚାଇବା ପାଇଁ ଏଥିରେ ତାଲିମା ଦିଆଯାଇଛି। ସଦର ଥାନା ଥାନା ଅଧିକାରୀ ସନ୍ତୋଷୀ ଓରାମଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ଏସ୍‌ଆଇ ନଟବର ନନ୍ଦଙ୍କ ସମେତ ସମସ୍ତ ଥାନାର ଅଧିକାରୀ ଉପସ୍ଥିତ ଥିଲେ।

### ନିଆଁରେ ପୋଡ଼ି ଗୁରୁତର ଥିବା ବୃଦ୍ଧାଙ୍କ ମୃତ୍ୟୁ

କୋରାପୁଟ,୨୩।୧୨(ସ୍ୱ.ପ୍ର.): ନିଆଁରେ ପୋଡ଼ିହୋଇ ଗୁରୁତର ଥିବା ଜଣେ ବୃଦ୍ଧା କୋରାପୁଟ ମେଡିକାଲରେ ଚିକିତ୍ସାଧୀନ ଥିବାବେଳେ ରବିବାର ତାଙ୍କର ମୃତ୍ୟୁ ହୋଇଛି। କୋରାପୁଟ ସଦର ଥାନା ଅନ୍ତର୍ଗତ ପିତେଇ ଗ୍ରାମର ମଧୁ ପାଟନିଆ ଗତ ୧୬ ତାରିଖ ପ୍ରବଳ ଶୀତରୁ ରକ୍ଷା ପାଇବା ପାଇଁ ଘର ଆଗରେ ନିଆଁ ଲଗାଇ ଶୋଇପଡ଼ିଥିଲେ। ଏହି ସମୟରେ ତାଙ୍କ ଶରୀରରେ ନିଆଁ ଲାଗି ଗୋଡ଼ ସହ ଅନ୍ୟ ଅଙ୍ଗ ପୋଡ଼ିଯାଇଥିଲା। ଏନେଇ କୋରାପୁଟ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ସହ ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

### ପଣ୍ଡିଚେରୀ ସମ୍ମିଳନୀରେ କୁଳପତି ସମ୍ବର୍ଦ୍ଧିତ

କୋରାପୁଟ,୨୩।୧୨(ସ୍ୱ.ପ୍ର.): ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଦକ୍ଷିଣାଞ୍ଚଳ ଜୋନର କୁଳପତିଙ୍କ ସମ୍ମିଳନୀର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ କୋରାପୁଟ ସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି ଯୋଗ ଦେଇଛନ୍ତି। ଭାରତୀୟ ବିଶ୍ୱବିଦ୍ୟାଳୟ ଆସୋସିଏସନ ଓ ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମ୍ମିଳନୀରେ ଦେଶର ଦକ୍ଷିଣାଞ୍ଚଳରୁ ୭୦ ଜଣ କୁଳପତି ସାମିଲ ହୋଇଥିଲେ। ଉଚ୍ଚଶିକ୍ଷା କ୍ଷେତ୍ରରେ ନୂତନ କୌଶଳ ଉଦ୍ଭାବନ, ଭବିଷ୍ୟତ ପାଇଁ ଶିକ୍ଷିତ ସମାଜକୁ ଦିଗଦର୍ଶନ ଦେବା ଏବଂ ସମନ୍ୱିତ ବିକାଶ ଉଦ୍ଦେଶ୍ୟରେ ଆୟୋଜିତ ଶୀର୍ଷକ ଆଲୋଚନାଚକ୍ରରେ କୁଳପତିମାନେ ମତ ଉପସ୍ଥାପନ କରିଥିଲେ। ଏହି ଅବସରରେ କୁଳପତି ପ୍ରଫେସର ମହାନ୍ତି ଶିକ୍ଷା କ୍ଷେତ୍ରରେ ସମସ୍ତଙ୍କୁ ସ୍ୱାଧୀନତା ଦେବା ଉପରେ ପଦକ୍ଷେପ ନେବା ପାଇଁ ପରାମର୍ଶ ଦେଇଥିଲେ। ଆୟୋଜକଙ୍କ ପକ୍ଷରୁ ତାଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ପ୍ରଫେସର ଗୁରମିତ୍ ସିଂ ଓ ଜାତୀୟସ୍ତରୀୟ ବିଶ୍ୱବିଦ୍ୟାଳୟର ବହୁ ବରିଷ୍ଠ ପ୍ରଫେସର ଓ ଅଧିକାରୀ ନିଜ ଆଭିମୁଖ୍ୟ ରଖିଥିଲେ।

### ଜାତୀୟ ଗଣିତ ଦିବସ

ଚାନ୍ଦିଲି(କୋଟପାଡ଼), ୨୩।୧୨ (ଡି.ଏନ୍.ଏ.): କୋଟପାଡ଼ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜାତୀୟ ଗଣିତ ଦିବସ ପାଳିତ ହୋଇଛି। ଏଥିରେ କୋଟପାଡ଼ ଏନ୍‌ଏସି ଏବଂ ବ୍ଲକ୍‌ର ୨୫ଟି ଉଚ୍ଚବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଆୟୋଜନ କମିଟି ଆବାହକ ଦୁର୍ଗାପ୍ରସାଦ ନାୟକ, ସଭାପତି ମଣିପ୍ରସାଦ ପଟ୍ଟନାୟକ, ସମ୍ପାଦକ ଗଣେଶ ଚନ୍ଦ୍ର ପଣ୍ଡା, କୋଷାଧ୍ୟକ୍ଷ ସୁଧୀର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ଚନ୍ଦ୍ର ଶେଖର ମାଝି ଯୋଗଦେଇଥିଲେ। ମୁଖ୍ୟ ଅତିଥି ବିଶିଷ୍ଟ ଗାଣିତିକ ରାମାନୁଜନ୍‌ଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠିତ ଗଣିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। କାର୍ଯ୍ୟକ୍ରମକୁ ବିଜ୍ଞାନ ଶିକ୍ଷକ କିରଣ ଚନ୍ଦ୍ର ମିଶ୍ର, ପ୍ରତାପ ମନ୍ତ୍ରୀ, ପଙ୍କଜ ମହାନ୍ତି, ପରିଚାଳନା କରିଥିଲେ। ଏଥିରେ ରାଜେନ୍ଦ୍ର ନାୟକ, ବାବୁଲି ନାୟକ, ଶଙ୍କର ପଣ୍ଡା, ଧର୍ମେନ୍ଦ୍ର ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ।

### ମାଗଣା ସିଲାଇ ତାଲିମ୍ କେନ୍ଦ୍ର ଉଦ୍‌ଘାଟିତ

ବୈପାରୀଗୁଡ଼ା,୨୩।୧୨(ଡି.ଏନ୍.ଏ.): ନେହରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ ସ୍ଥାନୀୟ ସାଇ ମନ୍ଦିରରେ ଏକ ମାଗଣା ସିଲାଇ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ବ୍ଲକ ଅଧକ୍ଷା ସରୋଜିନୀ କାଣ୍ଡିକି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଛନ୍ତି। ଉକ୍ତ ତାଲିମ କେନ୍ଦ୍ରରେ ୨୫ ଜଣ ମହିଳା ପ୍ରିଶିକ୍ଷାର୍ଥୀ ୩ ମାସ ଯାଏଁ ତାଲିମ ନେବେ। ଏହାଦ୍ୱାରା ସେମାନେ ଆର୍ଥିକ ଭାବେ ସ୍ୱାବଲମ୍ବୀ ହେବେ। ଟେଲ୍‌ର ମାଷ୍ଟର ରଶ୍ମିତା ଡାକୁଆ ସେମାନଙ୍କୁ ତାଲିମ ଦେବେ। ନେହରୁ ଯୁବକେନ୍ଦ୍ର ସ୍ୱେଚ୍ଛାସେବୀ ଲୁସି ବେହେରା ଓ ପି. ସତିଶ୍ କୁମାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପକ୍କା ରାସ୍ତା ନ ହେଲେ ମତଦାନ ବର୍ଜନ

## ମାଳିଗୁଞ୍ଜା ବାସିନ୍ଦାଙ୍କ ଚେତାବନୀ

ସେମିଳିଗୁଡ଼ା,୨୩।୧୨(ସ୍ୱ.ପ୍ର.)

ସେମିଳିଗୁଡ଼ା ବ୍ଲକ୍ ରେଙ୍ଗା ପଞ୍ଚାୟତ ମାଳିଗୁଞ୍ଜା ଗ୍ରାମ ଦୀର୍ଘ ଦିନ ଧରି ଅବହେଳିତ ହୋଇରହିଛି। ଗ୍ରାମରେ ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ସମସ୍ୟା ଲାଗି ରହିଛି। ମାଳିଗୁଞ୍ଜା ଗ୍ରାମକୁ ଯିବାକୁ ହେଲେ ରେଙ୍ଗା ଆର୍‌ଡି ରାସ୍ତାଠାରୁ ୨ କିଲୋମିଟର କଚ୍ଚା ରାସ୍ତା ଦେଇ ଯିବାକୁ ପଡ଼େ। ଉକ୍ତ ରାସ୍ତା ଅବସ୍ଥା ଶୋଚନୀୟ। ଏଥିପାଇଁ ଗାଁରେ ଜରୁରୀକାଳିନ ସେବା ନିମନ୍ତେ ଗାଡ଼ି ପ୍ରବେଶ କରିପାରୁ ନାହିଁ। ଫଳରେ ବାସିନ୍ଦା ନାହିଁ ନ ଥିବାର ସମସ୍ୟାରେ ପଡୁଛନ୍ତି। ଏହାସହ ଉକ୍ତ ରାସ୍ତାଦେଇ କରଞ୍ଜଗୁଞ୍ଜା,



ଅବହେଳିତ ଅବସ୍ଥାରେ ଥିବା ରାସ୍ତା।

ଗାନ୍‌କାଗୁଞ୍ଜା ଗ୍ରାମର ଲୋକେ ନିର୍ଭର କରନ୍ତି। ଏହାକୁ ପକ୍କା କରିବା ପାଇଁ ଗାଁ ଲୋକେ ବାରମ୍ବାର ସ୍ଥାନୀୟ ପ୍ରଶାସନ ଏବଂ ଜନପ୍ରତିନିଧିମାନଙ୍କୁ ଦାବି ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ପକ୍କା ରାସ୍ତା ନିର୍ମାଣ ନହେଲେ ଆସନ୍ତା ନିର୍ବାଚନରେ ମତଦାନ ବର୍ଜନ କରିବେ ବୋଲି ମାଳିଗୁଞ୍ଜାବାସୀ ଚେତାବନୀ ଦେଇଛନ୍ତି। ମଞ୍ଜୁ ହନ୍ତାଳ, ଦାମୁ ବନ୍ଦି, ଘାସି ବନ୍ଦି,ରଘୁନାଥ ହନ୍ତାଳ, ରାଜେନ୍ଦ୍ର ହନ୍ତାଳ, ଦେବା ହନ୍ତାଳ, ବିଜୟ ରିପେଲି, ସୁରେଶ ନିମାକାୟ, କେଶବ ନିମାକାୟ, ରାଜୁ ନିମାକାୟ, ଗୋବିନ୍ଦ ହନ୍ତାଳ, ଗୋବର୍ଦ୍ଧନ ପାଙ୍ଗି, ମନୋଜ ଖରା, ସମାରୁ ହନ୍ତାଳ, ଅଜୟ ହନ୍ତାଳ, ଚକ୍ର ପାଙ୍ଗି, ଆପ୍ପା ରାଓ ପ୍ରମୁଖ ଗ୍ରାମବାସୀ ନିର୍ବାଚନ ସମୟରେ ଗ୍ରାମରେ ନେତାକୁ ପଶାଇ ଦେବୁ ନାହିଁ ବୋଲି କହିଛନ୍ତି।

# ଫିଜିଓଲୋଜିଷ୍ଟ ସଂଘ ବାର୍ଷିକ କର୍ମଶାଳା

କୋରାପୁଟ,୨୩।୧୨(ସ୍ୱ.ପ୍ର.)

ଓଡ଼ିଶା ଫିଜିଓଲୋଜିଷ୍ଟ ଆସୋସିଏସନର ୩୨ତମ ବାର୍ଷିକ କର୍ମଶାଳା ଶନିବାର ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ରରେ ଅନୁଷ୍ଠିତ ହୋଇଛି। କୋରାପୁଟ ମେଡିକାଲ କଲେଜର ଡିନ୍ କୃଷ୍ଣଚନ୍ଦ୍ର ବିଶ୍ୱାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଏସ୍‌ପି କନୱର ବିଶାଳ ସିଂ ଯୋଗଦେଇ ଏହା ମାଧ୍ୟମରେ ସ୍ୱାସ୍ଥ୍ୟ ସେବା ଅଧିକ ବିକଶିତ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ବିଭାଗରେ ସଫଳ ଭାବେ କାର୍ଯ୍ୟ କରିଥିବା ଡାକ୍ତର ଅମ୍ବିକା ପାଣିଗ୍ରାହୀ, ଶାଶ୍ୱତ ସରୱନ, ଅଶ୍ୱିନୀ କୁମାର ପଣ୍ଡା, ସବ୍ୟସାଚି ଦାସ, ସୁଶୋଭନ ଘୋଷ, ପ୍ରତୀକ କୁମାର ସାହୁ, ଅଭିଳାଷ ସାହୁ, ସଚିନ ଆଦିଙ୍କୁ ସମ୍ମାନିତ କରାଯାଇଥିଲା।

# କୃଷି ଓଭରସିୟର ସଂଘ ସାଧାରଣ ବୈଠକ



ବୈଠକରେ ଉପସ୍ଥିତ ଅତିଥିମାନେ।

ବୋରିଗୁମ୍ମା,୨୩।୧୨(ଡି.ଏନ୍.ଏ.)

ବୋରିଗୁମ୍ମା ସ୍ଥାନୀୟ ଆମ୍ବା ସଭାଗୃହରେ ରବିବାର ଜିଲା କୃଷି ଓଭରସିୟର ସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି। ସଂଘ ଜିଲା ସଭାପତି ମଧସୂଦନ ପଣ୍ଡାଙ୍କ ସଭାପତିତ୍ୱରେ ସଂଘ ପରାମର୍ଶଦାତା ବିଜୟ ଦାଶ, ଉପସଭାପତି ରଜନୀକାନ୍ତ ନାୟକ, ସାଧାରଣ ସମ୍ପାଦକ ଭଜକୃଷ୍ଣ ବାରିକ, ସହସମ୍ପାଦକ ରଜନ ମହାନ୍ତି , ଅବସରପ୍ରାପ୍ତ ଅଧିକାରୀ ଏସ୍. ଗୋପାଳ ରାଓ ମଞ୍ଚାସୀନ ଥିଲେ। ଓଭରସିୟରମାନଙ୍କ ଗ୍ରେଡ୍ ପେ' ବୃଦ୍ଧିକୁ ନେଇ ସରକାରଙ୍କୁ ସଂଘ କୃତଜ୍ଞତା ଜଣାଇବା ସହିତ ଅବସର ପରେ କର୍ମଚାରୀଙ୍କ ପେନ୍‌ସନ୍ ପେପର କାର୍ଯ୍ୟରେ ବିଳମ୍ବକୁ ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କୁହାଯାଇଛି। କୃଷି କାର୍ଯ୍ୟ ବ୍ୟତୀତ ଅନ୍ୟ କାର୍ଯ୍ୟରୁ ଓଭରସିୟରମାନଙ୍କୁ ନିୟୋଜିତ ନ କରିବାକୁ ଦାବି କରାଯାଇଛି। ବୈଠକରେ ସଂଘ ସଭ୍ୟାସଭ୍ୟ ଯୋଗଦେଇଥିବାବେଳେ ଜିଲା କାର୍ଯ୍ୟକାରୀ ସମ୍ପାଦକ ମନୋଜ ପଟ୍ଟନାୟକ, ଚନ୍ଦ୍ରାନନ ପାଢ଼ୀ କାର୍ଯ୍ୟ ପରିଚାଳନା କରିଥିଲେ।

# ଆରକ୍ଷୀ ବିଦ୍ୟାଳୟ ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି ଓ ଶିକ୍ଷୟିତ୍ରୀ ଶିକ୍ଷକ।

କୋରାପୁଟ,୨୩।୧୨(ସ୍ୱ.ପ୍ର.)

କୋରାପୁଟ ସରକାରୀ ଆରକ୍ଷୀ ପ୍ରାଥମିକ ଓ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷକ ନରସିଂହ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ କୋରାପୁଟ ବ୍ଲକ ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଛାତ୍ରୀଛାତ୍ର ହେଉଛନ୍ତି ଦେଶର ଭବିଷ୍ୟତ। ତେଣୁ ସେମାନେ ମନଦେଇ ପାଠ ପଢ଼ନ୍ତୁ। କୋରାପୁଟ ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ରଶ୍ମିରଞ୍ଜନ ସେଠୀ ଓ ସମଗ୍ର ଶିକ୍ଷା ଅଭିଯାନର ଶୈକ୍ଷିକ ସଂଯୋଜକ ଚନ୍ଦ୍ରକଳା ବଗର୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ସଭାରେ ଏପିଡି ମହେଶ୍ୱର ନାୟକ ମୁଖ୍ୟ ଅତିଥି ଭାବେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ବିଜେଡିର ୱାର୍ଡ଼ କମିଟି କର୍ମଶାଳା

ନନ୍ଦପୁର,୨୩।୧୨(ଡି.ଏନ୍.ଏ.)

ବ୍ଲକ ବିଜେଡି ପକ୍ଷରୁ ରବିବାର ନନ୍ଦପୁରରେ ଜୋନସ୍ତରୀୟ ୱାର୍ଡ଼ କମିଟି ଗଠନ କର୍ମଶାଳା ଅନୁଷ୍ଠିତ ହୋଇଛି। ଏଠାରେ ପଟ୍ଟାଙ୍ଗି ବିଧାୟକ ପ୍ରଫୁଲ ପାଙ୍ଗି, ଖଦିବୋର୍ଡ଼ ଅଧ୍ୟକ୍ଷ ତେଜେଶ୍ୱର ପରିଡ଼ା, ପର୍ଯ୍ୟବେକ୍ଷକ ମହମ୍ମଦ ମୋବିନ, ବ୍ଲକ ସଭାପତି ରାମେଶ୍ୱର ଦୋରା, ସମ୍ପାଦକ ଶେଖ ନୁର ମହମ୍ମଦ, ଜିଲା ପରିଷଦ ସଭ୍ୟ ପ୍ରଭାତ ଗୁରୁାଇ, ଗୋପାଳକୃଷ୍ଣ ବେବର୍ତ୍ତା, ଜଗନ୍ନାଥ ପାଙ୍ଗି, ରୀନା ପାଣିଗ୍ରାହୀ, ନାରୀ ସଭାନେତ୍ରୀ କୁନି ପାଲି ଏବଂ ୧୧ଟି ପଞ୍ଚାୟତର ଲୋକ ପ୍ରତିନିଧିଙ୍କ ସମେତ ବିଜେଡି କର୍ମୀ ଓ ଜନ ସାଧାରଣ ଯୋଗ ଦେଇଥିଲେ। ଏହି କର୍ମଶାଳାରେ ଗଠନ ହୋଇଥିବା ୱାର୍ଡ଼ କମିଟି ସଭ୍ୟମାନଙ୍କୁ ପ୍ରଶିକ୍ଷଣ ଦିଆଯିବା ସହ ରାଜ୍ୟ ସରକାରଙ୍କ ପିଠା ଏବଂ କାଳିଆ ଯୋଜନା ବିଷୟରେ ଆଲୋଚନା କରାଯାଇଥିଲା।

## ବିଜେଡି ଜୋନ୍‌ସ୍ତରୀୟ ୱାର୍ଡ଼ କମିଟି କର୍ମଶାଳା

# ଜନତାଙ୍କ ସହଯୋଗରେ ଦଳକୁ ମଜଭୁତ କରିବା ପରାମର୍ଶ



ୱାର୍ଡ଼ କମିଟି କର୍ମଶାଳାରେ ଉପସ୍ଥିତ ବିଜେଡି ନେତା ଓ କର୍ମୀ।

ଦଶମନ୍ତପୁର,୨୩।୧୨(ଡି.ଏନ୍.ଏ.)

ଦଶମନ୍ତପୁର ବ୍ଲକ୍ ସଦରସ୍ଥିତ ସରକାରୀ ଉଚ୍ଚପ୍ରାଥମିକ ସ୍କୁଲ ଖେଳ ପଡ଼ିଆରେ ବିଜେଡିର ଜୋନ୍‌ସ୍ତରୀୟ ୱାର୍ଡ଼ କମିଟି କର୍ମଶାଳା ଅନୁଷ୍ଠିତ ହୋଇଛି। ବିଜେଡି ବ୍ଲକ୍ ସଭାପତି ମହେନ୍ଦ୍ର କୁଳଦୀପଙ୍କ ନେତୃତ୍ୱରେ ଆୟୋଜିତ କର୍ମଶାଳାରେ ବିଜେଡି ବରିଷ୍ଠନେତା ସୁରେଶ ସୁବୁଦ୍ଧି , ଜିଲା ପରିଷଦ ଅଧ୍ୟକ୍ଷ ଅନନ୍ତ ଖରା, ସମ୍ପାଦକ ଭାସ୍କର ଚନ୍ଦ୍ର ମହାନନ୍ଦିଆ, ଧନୁ ବିଷୋଇ, ବ୍ଲକ୍ ଅଧ୍ୟକ୍ଷା ସୁନାମଣି ମୁଦୁଲି, ସୂର୍ଯ୍ୟଚନ୍ଦ୍ର ବାଘଙ୍କ ସହିତ ପ୍ରତି ପଞ୍ଚାୟତର ବିଜେଡି କର୍ମୀ ଓ ନେତା ଯୋଗଦେଇ ଥିଲେ। ସାଧାରଣ ଜନତାଙ୍କ ସହଯୋଗରେ ବିଜେଡିକୁ ମଜ୍‌ଭୁତ କରିବା ପାଇଁ କର୍ମୀମାନେ ଆଗେଇ ଆସିବାକୁ କର୍ମଶାଳାରେ ପରାମର୍ଶ ଦିଆଯାଇଛି।

# ଡାଇମଣ୍ଡ ଗ୍ରାଉଣ୍ଡରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍

ବୈପାରୀଗୁଡ଼ା,୨୩।୧୨(ଡି.ଏନ୍.ଏ.)

ସ୍ଥାନୀୟ ଡାଇମଣ୍ଡ ଗ୍ରାଉଣ୍ଡରେ ରବିବାର ୧୯ ବର୍ଷ ବୟସରୁ କମ୍ ବୟସର ଖେଳାଳିଙ୍କୁ ନେଇ ବୈପାରୀଗୁଡ଼ା ଓ ମାଲକାନଗିରି ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ଖେଳାଯାଇଛି। ବୈପାରୀଗୁଡ଼ା ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର୍ ଖେଳି ୧୫୦ ରନ୍ କରିଥିଲା। ଜବାବରେ ମାଲକାନଗିରି ଟିମ୍ ୧୭.୩ ଓଭରରେ ୩ ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ବୈପାରୀଗୁଡ଼ାର ଆଶିଷ ମହାନ୍ତି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ଆଥଲେଟିକ୍ ସଂପାଦକ ରବି ନାୟକ ଓ ଜିଲା କ୍ରିକେଟ୍ ସଂପାଦକ ପି. ରମେଶ ପାତ୍ର ଯୋଗ ଦେଇଥିଲେ। ସ୍ଥାନୀୟ ଅଞ୍ଚଳର ପୂର୍ବତନ କ୍ରିକେଟ୍ ଖେଳାଳି ଏସ୍. ଶ୍ରୀଧର ରାଓ, ବାଣୀ ପଟ୍ଟନାୟକ, ମୁନା ସାମନ୍ତରାୟ, ପ୍ରଶାନ୍ତ ସାହୁ, ଭୁବନି ପଣ୍ଡା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବୈପାରୀଗୁଡ଼ା କ୍ରିକେଟ୍ କ୍ଲବ ପକ୍ଷରୁ ସମୀର ଭୂପତି, ଚିଣ୍ଟୁ ପଟ୍ଟନାୟକ, କାଳି ପଟନାୟକ, ଲୋହିତ କୁମାର ଓ ସୁରେଶ ମିଶ୍ର ଖେଳ ପରିଚାଳନା କରିଥିଲେ।



ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟର ଶୁଭାରମ୍ଭ କରାଯାଉଛି।

# ଜଗନ୍ନାଥ ମନ୍ଦିରରେ ଗୀତାଯଜ୍ଞ

ଦାମନଯୋଡ଼ି,୨୩।୧୨(ଡି.ଏନ୍.ଏ.)

ଦାମନଯୋଡ଼ି ନାଲ୍‌କୋ ଟାଉନଶିପ୍ ସେକ୍ଟର-୧ ଜଗନ୍ନାଥ ମନ୍ଦିର ପରିସରରେ ଗୀତାଯଜ୍ଞ ଅନୁଷ୍ଠିତ ହୋଇଛି। ରବିବାର ସୂର୍ଯ୍ୟପୂଜା ପରେ ଯଜ୍ଞକାର୍ଯ୍ୟ ଆରମ୍ଭ ହୋଇଥିଲା। ଶ୍ରୀମଦ୍ ଭଗବତ ଗୀତା ପାଠ ସହିତ ପ୍ରତି ଶ୍ଳୋକରେ ଘୃତ ଆହୂତି ଦିଆଯାଇଥିଲା। ଯଜ୍ଞ ଆଚାର୍ଯ୍ୟରୂପେ ସୁଶାନ୍ତ ଦାଶ କାର୍ଯ୍ୟ ତୁଲାଇଥିବାବେଳେ ଶେଷଦେବ ଶତପଥୀ ଗୀତା ପଠନ କରିଥିଲେ। ମନ୍ଦିର ପରିଚାଳନା କମିଟି ସମ୍ପାଦକ ସୁକାନ୍ତ ଦାସଙ୍କ ସହିତ କର୍ମକର୍ତ୍ତା ଆର୍‌ଏନ୍ ମୁଦୁଲି, ଶିଶିର ପରିଡ଼ା, ରବୀନ୍ଦ୍ର ନାଥ ସାମଲ, ଅଶୋକ ମହାନ୍ତି, ଗଣେଶ୍ୱର ପାତ୍ର, କଳ୍ପନା ପାତ୍ର, ପୂର୍ଣ୍ଣଚନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ। ମନ୍ଦିର ପୂଜକ ଅଜୟ ପଣ୍ଡା, କୈଳାସ ପଣ୍ଡା ଓ ଅମିୟ ମହାପାତ୍ର ଯଜ୍ଞ ପୂଜାକାର୍ଯ୍ୟ ପରିଚାଳନା କରିଥିଲେ।

# ସରିଲା ବିଦ୍ୟାମନ୍ଦିର ବାର୍ଷିକ କ୍ରୀଡ଼ା

ଦାମନଯୋଡ଼ି,୨୩।୧୨(ସ୍ୱ.ପ୍ର.)

ଦାମନଯୋଡ଼ି ନାଲ୍‌କୋ ଟାଉନଶିପ୍ ସରସ୍ୱତୀ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଜଗନ୍ନାଥ ମନ୍ଦିରରୁ ଏକ ମଶାଲ ଶୋଭାଯାତ୍ରା ବାହାରିବା ପରେ ବିଦ୍ୟାମନ୍ଦିର ସମ୍ପାଦକ ଅଶୋକ ନାୟକ ଓ ଅଧ୍ୟକ୍ଷ ଶୁଭ୍ରାଂଶୁଶେଖର ବାହିନୀପତି ଆନୁଷ୍ଠାନିକ ଭାବେ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଦୁଇ ଦିନିଆ ଏହି କ୍ରୀଡ଼ା ଉତ୍ସବରେ ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରକାର କ୍ରୀଡ଼ାରେ ଅଂଶଗ୍ରହଣ କରି ନିଜର ପାରଦର୍ଶିତା ପ୍ରଦର୍ଶନ କରିଥିଲେ। କ୍ରୀଡ଼ା ଶିକ୍ଷକ ରମେଶ ଚନ୍ଦ୍ର ସ୍ୱାଇଁ, ନୀରୋଦ ପ୍ରଧାନ, ସୁଲୋଚନା ପ୍ରିୟଦର୍ଶିନୀ ପଣ୍ଡା କ୍ରୀଡ଼ା ପରିଚାଳନା କରିଥିବାବେଳେ ଅନ୍ୟ ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ସହଯୋଗ କରିଥିଲେ। ଶନିବାର ବିଦ୍ୟାମନ୍ଦିରର ଅଧ୍ୟକ୍ଷ କ୍ରୀଡ଼ା ମଶାଲ ନିର୍ବାପନ କରିଥିଲେ।

# ୩୧ରେ ହିନ୍ଦୁ ସମାବେଶ

## କାର୍ଯ୍ୟକ୍ରମ ପାଇଁ ଗଠନ ହେଲା ୧୧ ଜଣିଆ କମିଟି

କୁନ୍ଦୁରା,୨୩।୧୨(ଡି.ଏନ୍.ଏ.)

କୁନ୍ଦୁରା ବ୍ଲକ୍ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆସନ୍ତା ୩୧ ତାରିଖରେ ରାମ ମନ୍ଦିର ନିର୍ମାଣ ନିମନ୍ତେ ଜୟପୁର ଦଶହରା ପଡିଆରେ ହେବାକୁ ଥିବା ହିନ୍ଦୁ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ସୁକାନ୍ତ ସାହୁ ସଭାପତିତ୍ୱ କରିଥିଲେ। ହିନ୍ଦୁ ସମ୍ମିଳନୀରେ ହଜାର ହଜାର ଲୋକଙ୍କ ସମାଗମ ପାଇଁ ବ୍ୟବସ୍ଥା କରାଯାଇଛି ବୋଲି ସୂଚନା ଦିଆଯାଇଛି। କୁନ୍ଦୁରା ବ୍ଲକ୍ ଅଧୀନ ୧୬ଟି ପଞ୍ଚାୟତର ବିଶ୍ୱ ହିନ୍ଦୁ ପରିଷଦର କର୍ମକର୍ତ୍ତା ଏବଂ ସେମାନଙ୍କ ପରିବାର ସଦସ୍ୟ ଯୋଗଦେଇ ରାମମନ୍ଦିର ନିର୍ମାଣ ନିମନ୍ତେ ସହଯୋଗ କରିବା ସ୍ଥିର ହୋଇଛି। କାର୍ଯ୍ୟକ୍ରମ ପାଇଁ ଚୁଡାମଣି ବିଷୋଇଙ୍କୁ ସଂଯୋଜକ ଦାୟିତ୍ୱ ଦିଆଯିବା ସହ ୧୧ ଜଣିଆ କମିଟି ଗଠନ କରାଯାଇଛି। ବାବୁ ଭାଇ ବଜରଙ୍ଗୀ, କମଳଲୋଚନ ବିଶ୍ୱାଳ, ରଞ୍ଜନ ଦାନି, ଶାଖା କାର୍ଯ୍ୟବାହ ରାଜ ସିଂହ, ପ୍ରଖଣ୍ଡ କାର୍ଯ୍ୟକର୍ତ୍ତା କମଳ ଭାଇ, ବୃନ୍ଦାବାନ ଭାଇ, ନାଥ ଭାଇ, ହରି ଭାଇ, ପର୍ଶୁଭାଇ, ପଦ୍ମା, କୌଶଲ୍ୟା ପ୍ରମୁଖ ଯୋଗଦେଇ ହିନ୍ଦୁ ସମ୍ମିଳନୀକୁ ସଫଳ କରିବା ନିମନ୍ତେ ମତ ରଖିଥିଲେ।



ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତା।

# ବିଜେଡି ଜୋନ୍‌ସ୍ତରୀୟ ୱାର୍ଡ କମିଟି କର୍ମଶାଳା



ବନ୍ଧୁଗାଁ,୨୩।୧୨(ଡି.ଏନ୍.ଏ.)

ବନ୍ଧୁଗାଁ ବ୍ଲକର ଜୋନ-୧ ନୂତନ ବିଜ୍ଞାନ କଲେଜ ପଡ଼ିଆରେ ବିଜେଡି ଜୋନସ୍ତରୀୟ ୱାର୍ଡ କମିଟି କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ କୋରାପୁଟ ଏମ୍‌ପି ଝିନ୍ନ ହିକ୍କା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲଳିତ ନାରାୟଣ ପରିଡ଼ା, ଅଜିତ ନାୟକ, ଲଡୁ ହୁଲୁକା, ବାଲା ନାଗ, ସୁବାସ ସାରକା, ଭି. ଗଣପତି, ଦୁର୍ଯ୍ୟୋଧନ ନାଗ, ଅଭିମନ୍ୟୁ ଭାଣ୍ଡି, ପ୍ରମିଳା ଜାକାକା ପ୍ରମୁଖ ଯୋଗଦେଇ ଥିଲେ। ମୁଖ୍ୟ ଅତିଥି ଝିନ୍ନ ସରକାରଙ୍କ ଜନକଲ୍ୟାଣ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ପ୍ରୟାସ କରିବାକୁ ୱାର୍ଡ କମିଟି ସଦସ୍ୟଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ୨ହଜାର ଲୋକ ଯୋଗ ଦେଇଥିଲେ।

# ରାଜ୍ୟ କରାଟେ ଚାମ୍ପିୟନଶିପ୍ ଆରମ୍ଭ

ଜୟପୁର,୨୩।୧୨ (ନି.ପ୍ର./ଡି.ଏନ୍.ଏ.)

ଜୟପୁର ଇନ୍‌ଡୋର ଷ୍ଟାଡିୟମରେ ରବିବାର ୩୦ତମ ରାଜ୍ୟସ୍ତରୀୟ କରାଟେ ଚାମ୍ପିୟନଶିପ୍‌ର ଶୁଭାରମ୍ଭ ହୋଇଛି। ଉତ୍କଳ କରାଟେ ସ୍କୁଲ ଜିଲା ସଂଘ ସଂପାଦକ ମୁନା ସିଂଲାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ବିଧାୟକ ତଥା ସଂଘ ଅଧ୍ୟକ୍ଷ ତାରା ପ୍ରସାଦ ବାହିନୀପତି ଯୋଗଦେଇ କହିଛନ୍ତି, ଖେଳାଳିମାନେ ଭାଇଚାରା ଓ ଶୃଙ୍ଖଳା ସହ ଖେଳନ୍ତୁ। ସମ୍ମାନିତ ଅତିଥି ଭାବେ ଓସ୍କାର ସଂପାଦକ ଡ. ହରି ପ୍ରସାଦ ପଟ୍ଟନାୟକ ଓ ଅନ୍ୟମାନଙ୍କ ମଧ୍ୟରେ ସଂଘର ଜିଲା ସଭାପତି କୃଷ୍ଣଚନ୍ଦ୍ର ଦାଶ, ଜିଲା କ୍ରୀଡ଼ା ସଂଘ ଉପସଭାପତି ରବି ନାୟକ, ଉପାଧ୍ୟକ୍ଷ ସଞ୍ଜୟ ଜୈନ ଉପସ୍ଥିତ ଥିଲେ। ଅପରାହ୍ନରେ ବିଭିନ୍ନ ବର୍ଗରେ ଫାଇଟ ହୋଇଥିଲା। ମହିଳା ବରିଷ୍ଠ ବର୍ଗ କରାଟେରେ ଭାଲିନା ଭାଲେଣ୍ଟିନା ପ୍ରଥମ, ଦେବସ୍ମିତା ଦଳବେହେରା ଦ୍ୱିତୀୟ, ସୁସ୍ମିନି ପାଲଟାସିଂ ଓ ଉମାବତୀ ପାତ୍ର ତୃତୀୟ ହୋଇଥିଲେ। ବାଳିକା ଫାଇଟ୍ ୪୫ କେଜିରୁ କମ୍ ବର୍ଗରେ ସିନ୍ଧୁ ତନୟା ଖୁଣ୍ଟିଆ ପ୍ରଥମ, କୁନ୍ଦା ମାଝି ଦ୍ୱିତୀୟ ଏବଂ ଉମାବତୀ ପାତ୍ର ଓ ସରିତା ରାଉତ ତୃତୀୟ ହୋଇଥିଲେ। ୫୦ କେଜିରୁ କମ୍ ବର୍ଗରେ ପ୍ରିୟଦର୍ଶନୀ ଘଟୁୟାରୀ ପ୍ରଥମ, ସୁସ୍ମିନି ପାଲଟାସିଂ ଦ୍ୱିତୀୟ ଏବଂ ଶ୍ରଦ୍ଧାଞ୍ଜଳି ଜାଲ ଓ ସୁଜାତା ସାହୁ ତୃତୀୟ ହୋଇଛନ୍ତି। ବରିଷ୍ଠ ପୁରୁଷ କାଟାରେ ସଙ୍କେତ ନାୟକ ପ୍ରଥମ, କ୍ରିଷ୍ଣା ଶିକାରୀ ଦ୍ୱିତୀୟ ଏବଂ ଅଭିଷେକ ପଟ୍ଟନାୟକ ଓ ଚିନ୍ମୟ ସୁବୁଦ୍ଧି ତୃତୀୟ ସ୍ଥାନ ପାଇଥିଲେ। ସେହିପରି ଦଳଗତ ପୁରୁଷ କାଟାରେ ଖୋର୍ଦ୍ଧା ଜିଲା ପ୍ରଥମ, ରାଉରକେଲା ଦ୍ୱିତୀୟ, କଟକ ଓ କୋରାପୁଟ ଜିଲା ତୃତୀୟ ହୋଇଛି। ବିଜୟୀ ଖେଳାଳି ଓ ଦଳକୁ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକରେ ସମ୍ମାନିତ କରିଥିଲେ ଅତିଥି।



ଚାମ୍ପିୟନଶିପ୍‌ର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ବିଧାୟକ ତାରାପ୍ରସାଦ ବାହିନୀପତି।

## ସଂକ୍ଷେପରେ



### ସାମାଜିକ କର୍ମୀଙ୍କୁ ଗ୍ରୀନ୍ ଆମ୍ବାସାଡ଼ାର ପୁରସ୍କାର

**ମୁନିଗୁଡ଼ା,୨୩।୧୨(ଡ଼ି.ଏନ.ଏ):** ସାମାଜିକ କର୍ମୀ, ପରିବେଶ ପ୍ରେମୀ, ଶିକ୍ଷାବିତ୍, ଯୋଗ ଓ ପ୍ରାକୃତିକ ଚିକିତ୍ସା ବିଜ୍ଞାନୀ ତଥା ରାୟଗଡ଼ା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଗୌରାଙ୍ଗଚରଣ ରାଉତଙ୍କୁ ଚଳିତବର୍ଷ ଓଡ଼ିଶା ପରିବେଶ କଗ୍ରେସ ତରଫରୁ ଗ୍ରୀନ୍ ଆମ୍ବାସାଡ଼ାର ପୁରସ୍କାର ପ୍ରଦାନ କରାଯାଇଛି। ପରିବେଶ ଏବଂ ଗାନ୍ଧୀ ପ୍ରସଙ୍ଗକୁ ନେଇ ଭୁବନେଶ୍ୱରର ପ୍ରାକୃତିକ ଇତିହାସ ଆଞ୍ଚଳିକ ସଂଗ୍ରହାଳୟଠାରେ ଓଡ଼ିଶା ପରିବେଶ କଂଗ୍ରେସ ନବମ ସଂସ୍କରଣ ଅବସରରେ ଗତ ୨୧ ତାରିଖରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ପଦ୍ମଶ୍ରୀ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକ, ଅମୂଲ୍ୟ ରତ୍ନ ନନ୍ଦ, ସତ୍ୟନାରାୟଣ ସାହୁ, ଜି.ପି ରାୟ, ପ୍ରଫୁଲ୍ଲ କୁମାର ସାହୁ, ଅବସର ବେଉରିଆ,ଅରବିନ୍ଦ ବେହେରା, ବାବୁ ଅମ୍ବାତ,ଜୟକ୍ୟଷ୍ଣ ପାଣିଗ୍ରାହୀ,ବି.ବି ସାମନ୍ତ, ସୁଦର୍ଶନ ଦାସ ଉପସ୍ଥିତ ଥିଲେ।

### ମାଗଣା ସ୍ୱାସ୍ଥ୍ୟସେବା ଶିବିର

**ରାୟଗଡା ଅଫିସ୍, ୨୩।୧୨:** ରାୟଗଡା ଜିଲା କୋଲନରା ବ୍ଲକ୍ ମୁକୁନ୍ଦପୁର ପଞ୍ଚାୟତ ତଥା ଆନ୍ଧ୍ର-ଓଡ଼ିଶା ସୀମାନ୍ତବର୍ତ୍ତୀ ଗ୍ରାମ ସାନଖିଲାପଦରଠାରେ ଶନିବାର ସିଆର୍‌ପିଏଫ୍ ଚତୁର୍ଥ ବାଟାଲିୟନ୍ ତରଫରୁ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୩୦୦ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଏସ୍.କେ ଠାକୁର, ରାକେଶ କୁମାର, ଉମାଶଙ୍କର ସାଇ, ରବିନ କୁମାର ବେହେରା ଉପସ୍ଥିତ ରହି ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

### ଗଞ୍ଜେଇ ଗଛ ନଷ୍ଟ

**ଗୁଣପୁର,୨୩।୧୨(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁର ବ୍ଲକ ପୁଟାସିଂ ଥାନା ଅନ୍ତର୍ଗତ ଟିଟିମିରି ପଞ୍ଚାୟତର ସୁବର୍ଣ୍ଣପୁର ଅଞ୍ଚଳରେ ରବିବାର ଅବକାରୀ ଏବଂ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ବହୁ ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ଏସଡିପିଓ ଅଶ୍ୱିନୀ କୁମାର ନାୟକ ଏବଂ ମାଜିଷ୍ଟ୍ରେଟ ଭାବେ ତହସିଲଦାର ନମ୍ରତା ମୋଦିଙ୍କ ଉପସ୍ଥିତିରେ ଏହି ଗଛ ନଷ୍ଟ କରାଯାଇଥିଲା। ୧୫ ଏକର ଜମିରେ ଚାଷ କରାଯାଇଥିବା ଗଞ୍ଜେଇ ଗଛ ଗୁଡିକୁ ନଷ୍ଟ କରାଯାଇଛି।

### ଭଲିବଲ ଟୁର୍ନାମେଣ୍ଟ
### କୁରୁଗୁଡା, ଗାଜିଲିଗୁଡା ଦଳ ବିଜୟୀ

**ଗୁଣପୁର,୨୩।୧୨(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁର ଶବର ସାଂସ୍କୃତିକ ସଂଘ ପକ୍ଷରୁ ଆୟୋଜିତ ଭଲିବଲ ଟୁର୍ନାମେଣ୍ଟର ୨ୟ ଦିନରେ ଦୁଇଟି ପର୍ଯ୍ୟାୟରେ ମ୍ୟାଚ ହୋଇଥିଲା। ପ୍ରଥମ ମ୍ୟାଚ ପୁରୁଣା ଗୁଣପୁର ଏବଂ କୁରୁଗୁଡା ଦଳ ମଧ୍ୟରେ ହୋଇଥିଲା। ଏଥିରେ କୁରୁଗୁଡା ଦଳ ବିଜୟ ଲାଭ କରିଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ଲାଉଗୁଡା ଏବଂ ଗାଜିଲିଗୁଡା ମଧ୍ୟରେ ହୋଇଥିଲା। ଏଥିରେ ଗାଜିଲିଗୁଡା ଦଳ ବିଜୟ ଲାଭ କରିଥିଲା।

### ସାକ୍ରେଡ ହାର୍ଟ ସ୍କୁଲର ବାର୍ଷିକ ଉତ୍ସବ

**ରାୟଗଡା ଅଫିସ୍, ୨୩।୧୨:** ରାୟଗଡାସ୍ଥିତ ସାକ୍ରେଡ ହାର୍ଟ ସ୍କୁଲର ୪୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ପରିଚାଳନା କରିଥିଲେ।

### ରାମାନୁଜଙ୍କ ଜୟନ୍ତୀ

**ଗୁଣପୁର,୨୩।୧୨(ଡି.ଏନ.ଏ):** ଗୁଣପୁର ଗାନ୍ଧୀ ପବ୍ଲିକ ସ୍କୁଲରେ ଗଣିତ ଦିବସ ତଥା ବୈଜ୍ଞାନିକ ଶ୍ରୀନିବାସ ରାମାନୁଜଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ପଣ୍ଡା ଅଧ୍ୟକ୍ଷତା କରି ରାମାନୁଜଙ୍କ ଉପରେ ମାର୍ଗଦର୍ଶନ କରିଥିଲେ। ମନୋଜ ପାଣିଗ୍ରାହୀ, ଅଶୋକ କୁମାର ବେହେରା ବିଭିନ୍ନ ଗଣିତ ବିଷୟରେ ପିଲାଙ୍କୁ ଧାରଣା ଦେଇଥିଲେ। ଏଥିଲାଗି ପିଲାଙ୍କ ମଧ୍ୟରେ ଗଣିତ ସମ୍ବନ୍ଧୀୟ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା।

■ ୩ ପଞ୍ଚାୟତ ଜନପ୍ରତିନିଧିଙ୍କ ମେଳି

# ରାସ୍ତାରେ ଖାଇଲେ ମଧ୍ୟାହ୍ନଭୋଜନ

**ରାୟଗଡା ଅଫିସ୍, ୨୩।୧୨**

ବିଜେଡି ପ୍ରତିଷ୍ଠା ଦିବସ ପାଳନର ୩ ଦିନ ପୂର୍ବରୁ ବିଧାୟକଙ୍କ ଘର ସମ୍ମୁଖରେ ଦଳୀୟ କର୍ମୀ ଓ ଜନପ୍ରତିନିଧିଙ୍କ ମେଳି। ଯାହାକି ରାୟଗଡା ଜିଲା ବିଜେଡିରେ ଫାଟ ସୃଷ୍ଟି ହୋଇଥିବା ସ୍ପଷ୍ଟ ଦିଶୁଛି। କାଶୀପୁର ବ୍ଲକ୍ ଅନ୍ତର୍ଗତ ସୁଙ୍ଗେର, ଅଡାଝୋର ଏବଂ ସିନ୍ଧୁରାଘାଟି ୩ ପଞ୍ଚାୟତର ଜନପ୍ରତିନିଧିମାନେ ଏକାଠି ହୋଇଛନ୍ତି । ବ୍ଲକ୍‌ରେ ଦଳଭିତରେ ରହିଥିବା ସମସ୍ୟା ନେଇ ଆଲୋଚନା କରିବାକୁ ଆସିଥିଲେ। ହେଲେ ବିଧାୟକ ସମୟ ନ ଦେବା ପରେ କର୍ମୀ ଏବଂ ପଞ୍ଚାୟତ ଜନପ୍ରତିନିଧିଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ବିଧାୟକଙ୍କ ଘର ସମ୍ମୁଖରେ ରାସ୍ତା ଉପରେ ବସି ମଧ୍ୟାହ୍ନଭୋଜନ ଖାଇ ୫୦ରୁ ଊର୍ଦ୍ଧ୍ୱ କର୍ମୀ ଓ ଜନପ୍ରତିନିଧି ପ୍ରତିବାଦ କରିଛନ୍ତି।

କାଶୀପୁର ବ୍ଲକ୍ ସୁଙ୍ଗେର, ଅଡାଝୋର ଏବଂ ସିନ୍ଧୁରାଘାଟି ୩ଟି ପଞ୍ଚାୟତରେ ବିଧାୟକ ଦଲାଲ ନିୟୋଜିତ କରିଛନ୍ତି। ପଞ୍ଚାୟତରେ ବିଜେଡି ଦଳ ସମର୍ଥିତ ସରପଞ୍ଚ ବା ସମିତି ସଭ୍ୟ ନୁହେଁ ଦଲାଲର ହୁକୁମରେ ଠିକା କାର୍ଯ୍ୟ ଦିଆଯାଉଛି । ସମ୍ପୃକ୍ତ ଦଲାଲ ଠିକାଦାର ଯୋଗଦେବା ପାଇଁ ମୋଟା ଅଙ୍କର ଟଙ୍କା ଦାବି କରୁଛନ୍ତି ବୋଲି ସୀତାରାମ ମାଝି, ଆଦାବର ମାଝି, ଯୁଗମଦେଇ ମାଝି ପ୍ରମୁଖ ସରପଞ୍ଚ ଏବଂ ସମିତି ସଭ୍ୟମାନେ ଅଭିଯୋଗ କରିଛନ୍ତି । ଏପରିକି ପଞ୍ଚାୟତର କାର୍ଯ୍ୟ ପାଇଁ ମଧ ବିଧାୟକଙ୍କ ଅନୁମୋଦନ ଆବଶ୍ୟକ ପଡୁଛି । ବ୍ଲକ୍ ଦ୍ୱାରା କରାଯାଉଥିବା କାର୍ଯ୍ୟଟିଏ ଠିକାରେ କରିବା ପାଇଁ ଅଧିକାରୀଙ୍କୁ କହିଲେ ବିଧାୟକଙ୍କ ହାତଲେଖା ଚିଠି ଆଣିବାକୁ କହୁଛନ୍ତି। ତେବେ ପଞ୍ଚାୟତରେ ନିର୍ବାଚିତ ପ୍ରତିନିଧି କାହିଁକି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଅପରପକ୍ଷରେ ବିଜୁ ପକ୍କା ଘର ଯୋଜନାରେ ଗୋଟିଏ ଘର ପାଇବାକୁ ହେଲେ ନିୟୋଜିତ ଦଲାଲ ଜଣକ ହିତାଧିକାରୀଙ୍କଠାରୁ ୨ରୁ ୩ହଜାର ଟଙ୍କା ଲାଞ୍ଚ ମାଗୁଛନ୍ତି । ଉକ୍ତ ୩ ପଞ୍ଚାୟତର ୧୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ଟଙ୍କାଦେଇ ଘର ପାଇବା ପାଇଁ ଅନାଇ ବସି ରହିଛନ୍ତି। ପରମ୍ପରା ଅନୁଯାୟୀ ଠିକାଦାରୀ ଚାଲିଥିବା ପୂର୍ବତନ ସରପଞ୍ଚ ବାଲସିଂ ମାଝି କହିଛନ୍ତି। କାମ ଯୋଗାଇବା ପାଇଁ ଦଲାଲଙ୍କୁ ୧୦ହଜାର ଟଙ୍କା ପର୍ଯ୍ୟନ୍ତ ଲାଞ୍ଚ ଦେବାକୁ ପଡୁଥିବା ସେ କହିଛନ୍ତି । ଅପରପକ୍ଷରେ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ କାଶୀପୁରର ଜଗଦୀଶ ଚନ୍ଦ୍ର ପାତ୍ରଙ୍କୁ ରାଜ୍ୟ ସମ୍ପାଦକ ଦାୟିତ୍ୱ ଦିଆଯାଇଛି । ତେବେ ସେ ସବୁକାର୍ଯ୍ୟରେ ସହଭାଗିତା ରହୁଥିବା ବାଲସିଂ କହିଛନ୍ତି। ନଚେତ ଠିକା କାର୍ଯ୍ୟ କରିବାକୁ ଅସହଯୋଗ କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି । ଏହିସବୁ ସମସ୍ୟାକୁ ନେଇ ବିଧାୟକ ଲାଲ୍‌ବିହାରୀ ହିମିରିକାଙ୍କୁ ଅବଗତ କରାଇବାକୁ ଆସିଥିଲୁ । କିନ୍ତୁ ସେ ଗୋଟିଏ ମିନିଟ୍ ମଧ ସମୟ ଦେଲେନାହିଁ । ଯାହାକି ଦୁର୍ଭାଗ୍ୟର କଥା ବୋଲି ସଭିଏଁ କହିଛନ୍ତି। ଏହି ସମସ୍ୟାର ସମାଧାନ କରା ନ ଗଲେ ଆଗାମୀ ନିର୍ବାଚନରେ ୩ଟି ପଞ୍ଚାୟତରେ ଦଳୀୟ ପୋଷ୍ଟର ମଧ ମାରିବାକୁ ଦିଆଯିବ ନାହିଁ ବୋଲି ଚେତାବନୀ ଦେଇଛନ୍ତି । ଏ ସମ୍ପର୍କରେ ବିଧାୟକ ହିମିରିକାଙ୍କୁ ପଚାରିବାରୁ, ଦଳ ଭିତରେ କୌଣସି ଫାଟ ନାହିଁ । ଯେଉଁମାନେ କାଶୀପୁର ବ୍ଲକ୍‌ରୁ ଆସିଥିଲେ,ସେମାନଙ୍କ ସହ ଆଲୋଚନା କରିବି ଓ ସମାଧାନ ନିଶ୍ଚିତ ହେବ ବୋଲି କହିନଛନ୍ତି।

**ବିଧାୟକଙ୍କ ଘର ସାମ୍ନାରେ ପ୍ରତିବାଦ**

■ ଦଲାଲ୍ ବାଣ୍ଟୁଛନ୍ତି ଠିକା କାମ

■ ସମସ୍ୟା ସମାଧାନ ନ ହେଲେ ନିର୍ବାଚନରେ ଜବାବ ଦେବୁ





ଜବତ ହୋଇଥିବା ବଜ୍ରକାପ୍ତା ଏବଂ ଗିରଫ ଅଭିଯୁକ୍ତ।

# ବଜ୍ରକାପ୍ତା ଜବତ, ୫ ଗିରଫ

**ଗୁଣପୁର,୨୩।୧୨(ଡି.ଏନ.ଏ)**

ବଜ୍ରକାପ୍ତା ଚୋରା ଚାଲାଣ କରୁଥିବାବେଳେ ଗୁଣପୁର ପୋଲିସ ୨ ମହିଳାଙ୍କ ସମେତ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ୫ ଜଣଙ୍କୁ ପୋଲିସ ବନବିଭାଗକୁ ହସ୍ତାନ୍ତର କରିଛି। ସେମାନଙ୍କ ନିକଟରୁ ୫ଟି ମୋବାଇଲ, ଗୋଟିଏ କାର(ଓଡି୦୨ଏଏମ-୭୧୦୪), ୩ଟି ମନିପର୍ସ ଏବଂ ଏଟିଏମ କାର୍ଡ ଜବତ ହୋଇଛି । ଗିରଫ ଅଭିଯୁକ୍ତମାନେ ହେଲେ ଡ୍ରାଇଭର ପୁରୀ ଜିଲା ବଳଙ୍ଗା ଅଞ୍ଚଳର ଆଶିଷ ଦାସ , ଭୁବନେଶ୍ୱର ଚନ୍ଦ୍ରଶେଖରପୁରର ବଳରାମ ବେହେରା, ପଟିଆ ଅଞ୍ଚଳର ଶୁଭଲକ୍ଷ୍ମୀ ବେହେରା, ଯାଜପୁରର ଅମୂଲ୍ୟ ବାରିକ ଏବଂ ଆନ୍ଧ୍ର ପଲାସା ଥାନା ଅଧିନ ଗୋପିଲି ଅଞ୍ଚଳର ଲକ୍ଷ୍ମୀ ଶବର । ବନ ବିଭାଗ ଏନେଇ ୫ ଜଣଙ୍କ ନାମରେ ମାମଲା ରୁଜୁ କରିଥିବା ରେଞ୍ଜର ଅଶୋକ କୁମାର ପ୍ରଧାନ ପ୍ରକାଶ କରିଛନ୍ତି । ଶନିବାର ବିଳମ୍ବିତ ରାତିରେ ୨ ଜଣ ଗୁଣପୁର ନୂତନ ବସଷ୍ଟାଣ୍ଡରେ ସନ୍ଦିଗ୍ଧ ଅବସ୍ଥାରେ ବୁଲୁଥିଲେ । ଏହି ସମୟରେ ପାଟ୍ରୋଲିଂ କରୁଥିବା ପୋଲିସ ସେମାନଙ୍କୁ ଦେଖି ତାଙ୍କର ପରିଚୟ ପଚାରିବା ସହ ଗାଡିକୁ ଯାଞ୍ଚ କରିଥିଲେ । ଯାଞ୍ଚ ସମୟରେ ଗାଡିରୁ ଏକ ବଜ୍ରକାପ୍ତା ଉଦ୍ଧାର କରାଯାଇଥିଲା । ସେମାନେ ଏହାକୁ ପଦ୍ମପୁର ଅଞ୍ଚଳରୁ ଆଣି ଭୁବନେଶ୍ୱର ଯାଉଥିବା କହିଥିଲେ । ଏହା ଚୋରା ଚାଲାଣ ହେଉଥିବାରୁ ପୋଲିସ ସେମାନଙ୍କୁ ଥାନାକୁ ନେଇଥିଲା । ଏହି ଘଟଣା ବନ୍ୟଜନ୍ତୁ ସଂପୃକ୍ତ ହୋଇଥିବାରୁ ମାମଲାଟିକୁ ପୋଲିସ ବନ ବିଭାଗକୁ ହସ୍ତାନ୍ତର କରିଥିଲା ବୋଲି ଆଇଆଇସି ରବୀନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି ।

# ଅଣଗେଜେଟେଡ ଅଫିସର ସଂଘର କାର୍ଯ୍ୟକାରୀ ବୈଠକ

**ରାୟଗଡା ଅଫିସ୍, ୨୩।୧୨**

ସ୍ଥାନୀୟ ଜଳ ବିଭାଜିକା ମିଶନ କାର୍ଯ୍ୟାଳୟ ସଭାଗୃହରେ ରାଜ୍ୟ ମୃତ୍ତିକା ସଂରକ୍ଷଣ ବିଭାଗର ଅଣଗେଜେଟେଡ କର୍ମଚାରୀ ମାନଙ୍କର କାର୍ଯ୍ୟକାରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି ମନୋଜ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ରାୟଗଡା ଜଳ ବିଭାଜିକା ମିଶନର ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ କୁମାର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଗଞ୍ଜାମ ପ୍ରକଳ୍ପ ନିର୍ଦ୍ଦେଶକ ଶୁଭେନ୍ଦୁ କୁମାର ଦାସ ଯୋଗଦେଇ ସଙ୍ଗଠନର ଦୃଢ଼ ନେତୃତ୍ୱ ଓ ସଫଳତା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକତା ଉପରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ସଙ୍ଗଠନ ସାଧାରଣ ସମ୍ପାଦକ ଅମୂଲ୍ୟ କୁମାର ସ୍ୱାଇଁ, ଉପସଭାପତି ଆନନ୍ଦ ଚନ୍ଦ୍ର ଲେଙ୍କା, ସହ ସମ୍ପାଦକ ନିକୁଞ୍ଜ କୁମାର ଦାଶ, ଦ୍ୱାରିକା ନାଥ ମହାନ୍ତି, ନିରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ସଙ୍ଗଠନର ବିଭିନ୍ନ ସମସ୍ୟା ସମ୍ପର୍କରେ କହିଥିଲେ । କର୍ମଚାରୀଙ୍କ ପଦୋନ୍ନତି, ଗ୍ରେଡେସନ, ଆର୍‌ଏସିପି, ଏମ୍‌ଏସିପି ମଞ୍ଜୁର କରିବା, ତଳସ୍ତରର କ୍ଷେତ୍ରୀୟ କର୍ମଚାରୀମାନଙ୍କୁ ମୃତ୍ତିକା ସଂରକ୍ଷଣ ସମ୍ପ୍ରସାରଣ ଅଧିକାରୀ, ମୃତ୍ତିକା ସଂରକ୍ଷଣ ସେକସନ ଅଫିସ୍‌ର ଭାବେ ବିଭେଚନା କରିବା, ସିଧାସଳଖ କିମ୍ବା ପଦୋନ୍ନତି ମାଧ୍ୟମରେ ମୃତ୍ତିକା ସଂରକ୍ଷଣ ସମ୍ପ୍ରସାରଣ ଅଧିକାରୀ ପଦବୀ ପୂରଣ କରିବା ଆଦି ବିଷୟ ଉପରେ ବିଭାଗୀୟ ନିର୍ଦ୍ଦେଶକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଏହି ଅବସରରେ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।



ବୈଠକରେ ଯୋଗ ଦେଇଥିବା ସଂଘ କର୍ମକର୍ତ୍ତା।

■ ପେଥାଇ କ୍ଷତିଗ୍ରସ୍ତ

# ସହାୟତା ଦାବି କଲେ ଚାଷୀ

**ମୁନିଗୁଡା, ୨୩।୧୨ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା ମୁନିଗୁଡା ଅଞ୍ଚଳ ଚାଷୀମାନଙ୍କର ପିଛା ଛାଡୁନାହିଁ ସମସ୍ୟା। ଚକଡା ଚଢ଼କ ପରେ ତିତ୍‌ଲି ଏବଂ ନିକଟରେ ପେଥାଇ ପୀଡା ଶହ ଶହ ଚାଷୀଙ୍କ ଆର୍ଥିକ ମାନଦଣ୍ଡକୁ ଦୋହଲାଇ ଦେଇଛି। କ୍ରମାଗତ ଭାବେ ଗରିବ ଓ ଋଣଗ୍ରସ୍ତ ଚାଷୀମାନେ ପୂର୍ବରୁ ସେମାନଙ୍କ କ୍ଷୟକ୍ଷତି ବାବଦରେ ସରକାରଙ୍କ ତରଫରୁ କୌଣସି ସହାୟତା ପାଇ ନାହାନ୍ତି । ପେଥାଇ ପ୍ରଭାବ ସମ୍ପର୍କରେ ସଠିକ୍ ସର୍ବେକ୍ଷଣ ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ଆର୍ଥିକ ତଥା ଆନୁସଙ୍ଗିକ ସହଯୋଗ ଦେବାକୁ ସ୍ଥାନୀୟ ତହସିଲଦାରଙ୍କ ଜରିଆରେ ଜିଲାପାଳଙ୍କ ନିକଟରେ ଚାଷୀମାନେ ଦାବି କରିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶାମନ ବିଭାଗ ଏବଂ କୃଷି ବିଭାଗ ଦ୍ୱାରା ହୋଇଥିବା ମିଳିତ ସର୍ବେକ୍ଷଣ ଅନୁସାରେ ବ୍ଲକର ୧୭ ପଞ୍ଚାୟତ ମଧ୍ୟରୁ ପାଇକରାଶୀ ପିଣ୍ଡା, ଜଗଦଲପୁର, ରଘୁବାରୀ, ଡିମିରିଗୁଡାକୁ ବାଦ୍‌ଦେଇ ୧୩ଟି ଗ୍ରାମ ପଞ୍ଚାୟତର ୨୧୩ ଏକର ଧାନ ଜମି କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମିଳିଛି। କିନ୍ତୁ ଏହି ତଥ୍ୟକୁ ଉପରଠାଉରିଆ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ବାଦ ପଡିଥିବା ୪ ପଞ୍ଚାୟତରେ କେବଳ ଶତାଧିକ ଏକର ଚାଷ ନଷ୍ଟ ହୋଇଥିବା କୁହାଯାଉଥିବାବେଳେ ସମୁଦାୟ ୧୭ଟି ପଞ୍ଚାୟତରେ ଧାନ ସମେତ କପା ଏବଂ ପନିପରିବା ଚାଷ ମଧ କ୍ଷତିଗ୍ରସ୍ତ ହୋଇଛି। ଉପଯୁକ୍ତ ନିୟମ ଅନୁସାରେ ତଦନ୍ତ କରି ସରକାରୀ ସହାୟତା ଏବଂ ଫସଲ ବୀମା ଯୋଗାଇ ଦେବାକୁ ଚାଷୀନେତା ଶ୍ୟାମସୁନ୍ଦର ପାତ୍ର, ଚନ୍ଦ୍ରଶେଖର ବେହେରା, ମୀନ କେତନ ଷଡ଼ଙ୍ଗୀ, ଚନ୍ଦ୍ରଜିତ୍ ଯାଦବ ଦାବି କରିଛନ୍ତି।

# ଭାଜପାରେ ମିଶିଲେ ରବି ଗମାଙ୍ଗ

**ଗୁଣପୁର,୨୩।୧୨(ଡି.ଏନ.ଏ)**

ସବୁ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ଶେଷରେ ଭାଜପାରେ ଯୋଗ ଦେଇଛନ୍ତି ପୋଲିସ ଚାକିରି ଛାଡିଥିବା ରବି ଗମାଙ୍ଗ । ରବିବାର ଭାଜପା ପକ୍ଷରୁ ଭୁବନେଶ୍ୱରଠାରେ ଆୟୋଜିତ ମିଶ୍ରଣ ପର୍ବରେ ବହୁ ତୁଙ୍ଗ ନେତାଙ୍କ ଉପସ୍ଥିତିରେ ରବି ଯୋଗ ଦେଇଥିଲେ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସଭାପତି ବସନ୍ତ ପଣ୍ଡା, ବିଧାୟକ ଦଳ ନେତା କନକବର୍ଦ୍ଧନ ସିଂଦେଓ, ପୂର୍ବତନ କୋରାପୁଟ ଏମପି ଜୟରାମ ପାଙ୍ଗି, ରାଜ୍ୟସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର, ଜିଲାସଭପତି ଶିବ ଉଲ୍ଲାକା, ଜିଲା ସାଧାରଣ ସମ୍ପାଦକ ରାମ ବେହେରା, ହରେକୃଷ୍ଣ ପାଢୀଙ୍କ ସମେତ ରାଜ୍ୟର ଅନ୍ୟାନ୍ୟ ନେତୃବୃନ୍ଦଙ୍କ ଉପସ୍ଥିତିରେ ସେ ଯୋଗ ଦେଇଥିଲେ । ଯାହା ଗୁଣପୁର ଭାଜପା ରାଜନୀତିକୁ ଚଳଚଞ୍ଚଳ କରିଛି । ତେବେ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ରାମମୂର୍ତ୍ତି ମୁଟିକା,ରାଜ୍ୟ ସଂପାଦକ ଶିଶିର ଗମାଙ୍ଗ,ଜିଲା ଉପସଭାପତି ପ୍ରେମ ପ୍ରସାଦ ପଣ୍ଡା ଏବଂ ନଗରସଭାପତି ଅନିଲ ସାହୁକାରଙ୍କ ଭଳି କର୍ମକର୍ତ୍ତା ଅନୁପସ୍ଥିତ ଥିଲେ । ଏମାନଙ୍କୁ ଏହି ମିଶ୍ରଣ ପର୍ବକୁ ଡକାଯାଇଥିଲା ନା ସେମାନେ ଯାଇ ନ ଥିଲେ ତାହା ଏବେ ଖୁବ୍ ଚର୍ଚ୍ଚାର ବିଷୟ ହୋଇଛି । ରବିଙ୍କ ସହିତ ବିଏସପିର ପୂର୍ବତନ ବିଧାୟକ ପ୍ରାର୍ଥୀ ଭଗବାନ ଗମାଙ୍ଗ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବିସିଂ ବିଡିକା ଏବଂ ତାଙ୍କ ସମର୍ଥକମାନେ ମଧ୍ୟ ଦଳରେ ଯୋଗ ଦେଇଥିଲେ ।



ରବି ଗମାଙ୍ଗ କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ଭାଜପାରେ ଯୋଗ ଦେଇଛନ୍ତି।

# ଚଇତି ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା

**ରାୟଗଡା ଅଫିସ୍, ୨୩।୧୨**

ରାୟଗଡା ଜିଲା ଲୋକ ମହୋତ୍ସବ ଚଇତି ଅବସରରେ ରବିବାର ମାରାଥନ, ୱାକଥନ ଓ ସୁନ୍ଦର ଶିଶୁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ କୋରାପୁଟ ଛକରୁ କଟଲାଗୁଡା ପର୍ଯ୍ୟନ୍ତ ମାରାଥନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ୨୧୧ଜଣ ବାଳକ ଓ ୪୧ଜଣ ବାଳିକା ଅଂଶଗ୍ରହଣ କରିଥିଲେ । ସେହିଭଳି ବୟସ୍କଙ୍କ ପାଇଁ ୱାକଥନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ୬୬ ପୁରୁଷ ଓ ୧୩ ମହିଳା ଭାଗ ନେଇଥିଲେ । ଉଭୟ ପ୍ରତିଯୋଗିତାକୁ ଏସ୍‌ପି ରାହୁଲ ପିଆର୍ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ । ସେହିଭଳି ସ୍ଥାନୀୟ ମହିଳା ମହାବିଦ୍ୟାଳୟ ପରିସରରେ ସୁନ୍ଦର ଶିଶୁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ୬ରୁ ୧୮ମାସ ଓ ୨ରୁ ୫ବର୍ଷ ବର୍ଗର ୩୫ଜଣ ଶିଶୁ ଅଂଶଗ୍ରହଣ କରିଥିଲେ । କୋରାପୁଟ ଏମପି ଝିନ୍ନ ହିକ୍‌କା ଏହାକୁ ଉଦ୍‌ଘାଟନ କରିଥିଲେ । ରାୟଗଡା ବିଧାୟକ ଲାଲ୍‌ବିହାରୀ ହିମିରିକା, ବିଷମକଟକ ବିଧାୟକ ଜଗନ୍ନାଥ ସାରକା, ଜିଲାପାଳ ଗୁହା ପୁନମ ତାପସ କୁମାର ଅତିଥି ଭାବେ ଯୋଗ ଦେଇଥିଲେ । ସଂସ୍କୃତି ମହିଳା ଅନୁଷ୍ଠାନ ଅଧକ୍ଷା ରୁବିରାଣୀ କୁଣ୍ଡୁ, ସାଧାରଣ ସମ୍ପାଦିକା ଅନୁସୟା ମାଝି ଏହାକୁ ପରିଚାଳନା କରିଥିଲେ ।



ମାରାଥନରେ ଭାଗ ନେଇଥିବା ଛାତ୍ରୀଛାତ୍ର।

# ଛତୁ ଚାଷ ଉପରେ ଗୁରୁତ୍ୱ

**ଗୁଣପୁର,୨୩।୧୨(ଡି.ଏନ.ଏ)**

ଗୁଣପୁର ସ୍ୱୟଂଶାଶିତ ଜିଆଇଇଟି କଲେଜଠାରେ ରବିବାର ଜାତୀୟ ଛତୁ ଦିବସ ପାଳିତ ହୋଇଯାଇଛି। ଜିଆଇଇଟି ପରିସରରେ ଥିବା ଜୈବବିଜ୍ଞାନ ଅନୁଷ୍ଠାନର କୃଷି ମହିବଦ୍ୟାଳୟ ପକ୍ଷରୁ ଏହା ପାଳିତ ହୋଇଥିଲା । ଏହି ଅବସରରେ କୃଷି ମହାବିଦ୍ୟାଳୟ ଡିନ ପ୍ରଫେସର ସନ୍ତୋଷ କୁମାର ପଣ୍ଡା ଛତୁ ଚାଷ ଦ୍ୱାରା ଲାଭ ଏବଂ ଏହାର ଆବଶ୍ୟକତା ଉପରେ କହିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର ଦିଲିପ କୁମାର ଦୋରା ଯୋଗ ଦେଇ ଛତୁ ଏକ ଲାଭଜନକ ବ୍ୟବସାୟ ବୋଲି କହିଥିଲେ । ଜୈବ ପ୍ରଯୁକ୍ତି ବିଭାଗ ମୁଖ୍ୟ ଡ.ମନୋଜ ଦାସ ଯୋଗଦେଇ ଛତୁର ଗୁଣାବଳି ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗୁଣପୁର, ପଦ୍ମପୁର ଆଦି ଅଞ୍ଚଳରୁ ଚାଷୀମାନେ ଯୋଗଦେଇ ଛତୁ ଚାଷ ଉପରେ ତାଲିମ ଗ୍ରହଣ କରିଥିଲେ । ପିପିଲି, ଜୟପୁର, ଢେଙ୍କାନାଳ, ବାରିପଦା ଆଦି ସ୍ଥାନରୁ ସଫଳ ଚାଷୀମାନେ ଯୋଗଦେଇ ଛତୁ ଚାଷ ଉପରେ ନିଜର ଅନୁଭୂତି କହିଥିଲେ। ପ୍ରଫେସର କୈଳାସ ବିହାରି ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ । ଅଶୋକ କୁମାର ମିଶ୍ର ମଞ୍ଚାସିନ ଥିଲେ । ଅଧ୍ୟାପିକା ଗଙ୍ଗୋତ୍ରି ମିଶ୍ର ଧନ୍ୟବାଦ ଦେଇଥିଲେ।

# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ଗୁଣପୁର,୨୩।୧୨(ଡି.ଏନ.ଏ)**

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଡମ୍ବସରା ଯୁକ୍ତ ୩ ଡିଗ୍ରୀ କଲେଜଠାରେ ଚାଲିଥିବା ବାଳିକା ଆତ୍ମରକ୍ଷା ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ଡ. କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପରିଚାଳନା କମିଟି ସଭାପତି ବାସୁଦେବ ସାହୁକାର , ସମ୍ପାଦକ ଜଗବନ୍ଧୁ ଗମାଙ୍ଗ ଯୋଗଦେଇ ଆତ୍ମରକ୍ଷା ଶିବିରର ଆବଶ୍ୟକତା ଉପରେ କହିଥିଲେ । କାର୍ଯ୍ୟକ୍ରମର ସଂଯୋଜକ ହେମନ୍ତ କୁମାର ମଲିଫୁଲ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ପ୍ରଶିକ୍ଷିକା ଭାବେ ମମିତା ଶବର ଯୋଗ ଦେଇଥିଲେ । ଶେଷରେ ଗଣେଷ ମଲିଫୁଲ ଧନ୍ୟବାଦ ଦେଇଥିଲେ ।



ପ୍ରମାଣପତ୍ର ପାଇଥିବା ଛାତ୍ରୀମାନେ।

■ ହଷ୍ଟେଲରେ ନିର୍ଯାତନା ଘଟଣା

# ରଫାଦଫା ପାଇଁ ଉଦ୍ୟମ

**ରାୟଗଡା ଅଫିସ୍, ୨୩।୧୨**

ରାୟଗଡା ଜିଲା କୋଲନରା ବ୍ଲକ୍ ରୋବାଡି ବାଳିକା ଉଚ୍ଚ ବିଦ୍ୟାଳୟର ଅଧ୍ୟୟନରତ ଛାତ୍ରୀଙ୍କୁ ଖାଇବାକୁ ନଦେବା ଓ ନିର୍ଯାତନା ଘଟଣାରେ ୪ଦିନ ବିତିଯାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇନାହିଁ । ଏଭଳିକି ଏହି ସ୍ପର୍ଶକାତର ଘଟଣାକୁ ରଫାଦଫା କରିବା ନିମନ୍ତେ ଉଦ୍ୟମ ହେଉଥିବା ଅଭିଯୋଗ ହୋଇଛି। ଏତେବଡ ଘଟଣାକୁ ବିଭାଗୀୟ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ଅତ୍ୟନ୍ତ ହାଲୁକା ଭାବେ ଗ୍ରହଣ କରିଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଫଳରେ ସରକାରୀ ବ୍ୟବସ୍ଥା ଉପରୁ ସେମାନଙ୍କ ଆସ୍ଥା ତୁଟୁଥିବା ପରିଲକ୍ଷିତ ହୋଇଛି।

ଗତ ୧୮ ତାରିଖ ରାତିରେ ଖାଇବାକୁ ନ ପାଇ ୩ ଜଣ ନବମ ଶ୍ରେଣୀ ଛାତ୍ରୀ ହଷ୍ଟେଲରୁ ଚାଲିଯାଇଥିଲେ । ୧୯ ତାରିଖରେ ବିଭିନ୍ନ ଗଣମାଧମ ପ୍ରତିନିଧି ପହଞ୍ଚି ଖବର ସଂଗ୍ରହ କରିବାପରେ ଘଟଣାଟି ଲୋକଲୋଚନକୁ ଆସିଥିଲା । ଏହାପରେ ଆଇଟିଡିଏର ସ୍ୱତନ୍ତ୍ର ଅଧିକାରୀ ଅଜୟ କୁମାର ପତି ଓ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଟୁକୁ ବାରିକ ଉକ୍ତ ବିଦ୍ୟାଳୟକୁ ଯାଇ ତଦନ୍ତ କରି ରିପୋର୍ଟ ଦାଖଲ କରିଛନ୍ତି। କିନ୍ତୁ ଅଦ୍ୟାବଧି କୌଣସି ପଦକ୍ଷେପ ବିଭାଗ ଗ୍ରହଣ କରିନାହିଁ। ବରଂ ତାଳିପକା ଉଦ୍ୟମ ଚାଲିଛି । ଯାହାକୁ ସାଧାରଣରେ ତୀବ୍ର ନିନ୍ଦା କରାଯାଇଛି । ସେହିଭଳି ଶିଶୁ ସୁରକ୍ଷା ବିଭାଗ ମଧ ଏହି ଘଟଣାର ତଦନ୍ତ କରି ନ ଥିବା ଜଣାପଡିଛି । ଅପରପକ୍ଷରେ ବିଦ୍ୟାଳୟକୁ ଆସୁଥିବା ଚାଉଳ ବାଟମାରଣା ହେଉଥିବା ମଧ ଅଭିଯୋଗ ହୋଇଛି। ଖୋଦ୍ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ତଥା ରୋବାଡି ଗ୍ରାମର କାମେଶ୍ୱର ମାଣ୍ଡାଙ୍ଗୀ ଏହି ଅଭିଯୋଗ କରିଛନ୍ତି। ଅନୁସନ୍ଧାନରୁ ଜଣାଯାଇଛି ଯେ, ଏହି ବିଦ୍ୟାଳୟକୁ ଯାଉଥିବା ଚାଉଳରୁ ଅର୍ଦ୍ଧାଧିକ ବାହାରେ ବିକ୍ରି କରି ଦିଆଯାଉଛି । ଉନ୍ନତମାନର ଚାଉଳ ବିକ୍ରିକରି ନିମ୍ନମାନର ପୋକରା ଓ ଖୁଦ ମିଶା ଚାଉଳ ଅଣାଯାଉଛି ବୋଲି ଅଭିଯୋଗ ହୋଇଛି । ଫଳରେ ଏଠି ରହୁଥିବା ଅନ୍ତେବାସୀମାନେ ଅନେକ ସମୟ ଭୋକିଲା ଓ ଅଧା ପେଟରେ ରହୁଥିବା ଖୋଦ୍ ଅନ୍ତେବାସୀ ଏହି ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜିଲା ମଙ୍ଗଳ ଅଧିକାରୀ ନନ୍ଦଲାଲ ବିଶ୍ୱାଳଙ୍କୁ ପଚାରିବାରୁ, ତଦନ୍ତ ରିପୋର୍ଟ ଅନୁସାରେ ଖୁବଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।